

କପିଳାସ ପ୍ରାଣୀ ଉଦ୍ୟାନରେ ବିଶ୍ୱ ହସ୍ତୀ ଦିବସ ପାଳନ ଅବସରରେ ମାହୁନ୍ତଙ୍କ ଗହଣରେ ରେସ୍କ୍ୟୁ ସେଣ୍ଟରରେ ରହୁଥିବା ହାତୀ।

# ଫଳ ଖାଇଲେ, ମଜା କଲେ

**କପିଳାସ ଜୁ'ରେ ହସ୍ତୀ ଦିବସ**

ଢେଙ୍କାନାଳ ଅଫିସ, ୧୨।୮

ପିଠି ଉପରେ ପଡ଼ିଥିଲା ରଙ୍ଗବେରଙ୍ଗର ଚାନ୍ଦୁଆ। ଖାଇବା ପାଇଁ ରଖାଯାଇଥିଲା ଭଳିକି ଭଳି ସ୍ୱାଦିଷ୍ଟ ଫଳ। ପାରମ୍ପରିକ ନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ କେଜ୍‌ରୁ ବାହାରିଥିଲେ ଗୋଟିଏ ପରେ ଗୋଟିଏ ହାତୀ। ମାହୁନ୍ତଙ୍କ ଉପସ୍ଥିତିରେ ବନ କର୍ମଚାରୀ, ପର୍ଯ୍ୟଟକଙ୍କ ହାତରୁ ଆନନ୍ଦରେ ଖାଇଥିଲେ ଫଳ। ହାତୀଙ୍କ ନିକଟତର ହୋଇ ଏଭଳି ବିରଳ ମୁହୂର୍ତ୍ତକୁ ଅନେକେ ମୋବାଇଲ୍ କ୍ୟାମେରାରେ କଏଦ କରିବାର ସୁଯୋଗ ହାତଛଡ଼ା କରି ନ ଥିଲେ। ଢେଙ୍କାନାଳ ଜିଲା କପିଳାସ ପ୍ରାଣୀ ଉଦ୍ୟାନରେ ଶୁକ୍ରବାର ବିଶ୍ୱ ହସ୍ତୀ ଦିବସ ପାଳନ ଅବସରରେ ଦେଖିବାକୁ ମିଳିଥିଲା ଏଭଳି ଦୃଶ୍ୟ। ଏଲିଫ୍ୟାଣ୍ଟ ରେସ୍କ୍ୟୁ ସେଣ୍ଟରରେ ଥିବା ୬ ହାତୀ ପ୍ରାଣୀ ଉଦ୍ୟାନ ପରିକ୍ରମା କରି ପର୍ଯ୍ୟଟକଙ୍କ ଭରପୂର ମନୋରଞ୍ଜନ କରିଥିବାବେଳେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ପରିବେଶବିତ୍, ପ୍ରାଣୀପ୍ରେମୀଙ୍କ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର।

ବିଶ୍ୱ ହସ୍ତୀ ଦିବସ ଅବସରରେ କପିଳାସ ପ୍ରାଣୀ ଉଦ୍ୟାନ ପରିସରରେ ଥିବା ଏଲିଫ୍ୟାଣ୍ଟ ରେସ୍କ୍ୟୁ ସେଣ୍ଟର ପରିସରରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ସକାଳୁ ୬ ହାତୀ କାର୍ତ୍ତିକ, ଚନ୍ଦୁ, ଶିବା, ଉମା, ପଦ୍ମା, ଶ୍ୟାମାଙ୍କୁ ଭଲ ଭାବେ ଗାଧୋଇ ଦିଆଯାଇଥିଲା। ସେମାନଙ୍କୁ ପୂଜାର୍ଚ୍ଚନା କରି ପ୍ରାଣୀ ଉଦ୍ୟାନ ପରିସରକୁ ଅଣାଯାଇଥିଲେ। ଦିବସ ପାଳନ ଉପଲକ୍ଷେ ଏକାଠି ହୋଇଥିବା ପର୍ଯ୍ୟଟନ, ବନ କର୍ମଚାରୀ, ପରିବେଶବିତ୍, ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ସେମାନଙ୍କୁ କଦଳୀ, ସେଓ ସହିତ ବିଭିନ୍ନ ପ୍ରକାର ଫଳ ଖାଇବାକୁ ଦେଇଥିଲେ। ହାତୀଙ୍କୁ ସାଜସଜ୍ଜା କରି ପ୍ରାଣୀ ଉଦ୍ୟାନରେ ପରିକ୍ରମା କରାଯାଇଥିଲା। ହାତୀବଂଶର ସୁରକ୍ଷା ପାଇଁ ସମସ୍ତେ ଆଗେଇ ଆସିବାକୁ ସହକାରୀ ବନ ସଂରକ୍ଷକ ସୁବ୍ରତ ପାତ୍ର, ହାତୀ ସୁରକ୍ଷା ପାଇଁ କାର୍ଯ୍ୟରତ ପରିବେଶବିତ୍ ଅରବିନ୍ଦ ମାଝି, ଇକୋ କ୍ଲବର ମାଷ୍ଟର ଟ୍ରେନର ଦୀପ୍ତିମୟୀ ଲେଙ୍କା ପ୍ରମୁଖ ଆହ୍ୱାନ ଦେଇଥିଲେ। ଏହି ବିଶାଳକାୟ ସ୍ତନ୍ୟପାୟୀ ପ୍ରାଣୀଙ୍କୁ ଉପଯୁକ୍ତ ସୁରକ୍ଷା ନ ମିଳିଲେ ସେମାନେ ଲୋପ ପାଇଯିବେ ବୋଲି ସଚେତନ ବାର୍ତ୍ତା ବଣ୍ଟାଯାଇଥିଲା। ହାତୀ ସୁରକ୍ଷାକୁ ନେଇ ସମସ୍ତେ ଶପଥ ପାଠ କରିଥିଲେ। ମାହୁନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବର୍ଷା ସତ୍ତ୍ୱେ ହସ୍ତୀ ଦିବସ ପାଳନ ପାଇଁ ଜୁ'ରେ ଭିଡ଼ ଜମିଥିଲା। କପିଳାସ ରେଞ୍ଜର ତରୁଣ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କ୍ଷତିଗ୍ରସ୍ତଙ୍କୁ 'ରିମ୍‌ଝିମ୍'ର ପ୍ରତାରଣା

- ୪ ଥର ବୈଠକ ପରେ ମିଳୁନାହିଁ ନିଯୁକ୍ତି
- ୨୩ ତାରିଖରେ ନିଆଯିବ ଚୂଡ଼ାନ୍ତ ନିଷ୍ପତ୍ତି

ଢେଙ୍କାନାଳ ଅଫିସ, ୧୨।୮

କମ୍ପାନୀ ନାଁ ବଦଳିଛି। ବଦଳିଛନ୍ତି କମ୍ପାନୀ କର୍ତ୍ତୃପକ୍ଷ ଏବଂ ପରିଚାଳନା କମିଟି। ତେବେ ଏହି ବଦଳିବା ପ୍ରକ୍ରିୟା ମଧ୍ୟରେ ପୁରାତନ କର୍ମଚାରୀଙ୍କ ଭାଗ୍ୟ ଠେଲି ହୋଇଯାଇଛି ଅନ୍ଧକାର ମଧ୍ୟକୁ। କାରଖାନା ପାଇଁ ଜମି ହରାଇ ନିଯୁକ୍ତି ପାଇଥିବା କ୍ଷତିଗ୍ରସ୍ତଙ୍କୁ ଥଇଥାନ କରିବାରେ କୁଣ୍ଠକୁଣ୍ଠ ହେଉଛି 'ରିମ୍‌ଝିମ୍' କମ୍ପାନୀ। ୪ଥର ବୈଠକ ସତ୍ତ୍ୱେ ଏ ଦିଗରେ ସକାରାତ୍ମକ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଜମିହରାଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି।

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କୁରୁଣ୍ଟିରେ ପ୍ରତିଷ୍ଠିତ ବିଆରଜି କମ୍ପାନୀ ବିକ୍ରି ହୋଇଯାଇଛି। ସେଠାରେ ଏବେ ପ୍ରତିଷ୍ଠିତ ହୋଇଛି ରିମ୍‌ଝିମ୍ ଇସ୍ପାତ କମ୍ପାନୀ। ବିଆର୍‌ଜି କାରଖାନା ପ୍ରତିଷ୍ଠା ସମୟରେ ଅଞ୍ଚଳର ୧୭୫ ଜମିହରାଙ୍କୁ ନିଯୁକ୍ତି ଦିଆଯାଇଥିଲା। ତେବେ ବିଆର୍‌ଜିକୁ କିଣିଥିବା ରିମ୍‌ଝିମ୍ କମ୍ପାନୀ ସମ୍ପୃକ୍ତ କ୍ଷତିଗ୍ରସ୍ତ ପ୍ରଜାଙ୍କୁ ନିଯୁକ୍ତି ଦେବାରେ ପ୍ରତାରଣା କରୁଥିବା ଅଭିଯୋଗ ହୋଇଛି। ପ୍ରଶାସନ, ଆଞ୍ଚଳିକ କ୍ଷତିଗ୍ରସ୍ତ ପ୍ରଜାସଂଘ, କ୍ଷତିଗ୍ରସ୍ତ ପ୍ରଜା, ପୋଲିସ ଉପସ୍ଥିତିରେ ୪ଥର ବୈଠକ କରାଯାଇ ପର୍ଯ୍ୟାୟକ୍ରମେ ସମ୍ପୃକ୍ତ ଜମିହରାଙ୍କୁ ନିଯୁକ୍ତି ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ଗତ ଜୁନ୍ ୨୧ରେ ଅନୁଷ୍ଠିତ ବୈଠକରେ ଅବସର ସମୟରେ ଉପନୀତ କର୍ମଚାରୀଙ୍କୁ କମ୍ପାନୀ ନିୟମ ଅନୁଯାୟୀ ସେମାନଙ୍କ ପ୍ରାପ୍ୟ ପ୍ରଦାନ କରାଯିବ, ଅନ୍ୟମାନଙ୍କୁ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ଦେବାକୁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ବୈଠକର ଅଢ଼େଇ ମାସ ପରେ ବି କମ୍ପାନୀ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ କଲେନାହିଁ। ଏହାକୁ ନେଇ ଅସନ୍ତୋଷ ତେଜିବାରୁ ଶୁକ୍ରବାର ଢେଙ୍କାନାଳ ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଛି। ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ଆଞ୍ଚଳିକ କ୍ଷତିଗ୍ରସ୍ତ ପ୍ରଜାସଂଘ ସଭାପତି ଗଙ୍ଗାଧର ସାମଲ, ସମ୍ପାଦକ ବିଜୟ ଧଳ, ବିନୋଦ ସାହୁ, କ୍ଷତିଗ୍ରସ୍ତ ପ୍ରଜାଙ୍କ ପକ୍ଷରୁ ରାଜୀବ ଗୋପାଳ ସ୍ୱାଇଁ, ଚିତ୍ତରଞ୍ଜନ ନାଥ, କମ୍ପାନୀର ମାନବ ସମ୍ବଳ ମୁଖ୍ୟ ଏମ୍.ପି. ସିଂ, କନ୍‌ସଲଟାଣ୍ଟ ଅଶୋକ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୨୩ ଓ ୨୪ ତାରିଖରେ ଢେଙ୍କାନାଳ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ନିଯୁକ୍ତି ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ସ୍ଥିର କରାଯାଇଛି।

ବିଧାୟିକା ନାୟକ କହିଲେ, ବିଆର୍‌ଜି କମ୍ପାନୀରେ କାର୍ଯ୍ୟ କରୁଥିବା ୧୭୫ କ୍ଷତିଗ୍ରସ୍ତ ପ୍ରଜାଙ୍କୁ ରିମଝିମ୍ କମ୍ପାନୀ ନିଯୁକ୍ତି ଦେଉନାହିଁ। ଏହାକୁ ନେଇ ଅସନ୍ତୋଷ ବଢୁଛି। ଆଞ୍ଚଳିକ କ୍ଷତିଗ୍ରସ୍ତ ପ୍ରଜାସଂଘ ସଭାପତି ସାମଲ କହିଲେ, ୪ଥର ବୈଠକ ସତ୍ତ୍ୱେ ରିମଝିମ୍ କମ୍ପାନୀ ଥଇଥାନ ଓ ନିଯୁକ୍ତି ସମ୍ପର୍କରେ ନିଷ୍ପତ୍ତି ନେଉନାହିଁ। ନିର୍ଦ୍ଧାରିତ ବୈଠକରେ ୧୭୫ କ୍ଷତିଗ୍ରସ୍ତଙ୍କ ନିଯୁକ୍ତି ପାଇଁ ୨ଟି ପର୍ଯ୍ୟାୟରେ ସାକ୍ଷାତ୍‌କାର ଏବଂ ଯାଞ୍ଚ କରାଯିବ। ଏଥିରେ ହିନ୍ଦୋଳ ବିଧାୟିକା, ଉପଜିଲାପାଳ, ଆଞ୍ଚଳିକ କ୍ଷତିଗ୍ରସ୍ତ ପ୍ରଜାସଂଘ, ପାରିପାର୍ଶ୍ୱିକ ଉନ୍ନୟନ କମିଟି, କୁସୁପଙ୍ଗା ପଞ୍ଚାୟତର କର୍ମକର୍ତ୍ତା, କମ୍ପାନୀ କର୍ତ୍ତୃପକ୍ଷ ଉପସ୍ଥିତ ରହିବେ। କ୍ଷତିଗ୍ରସ୍ତ କର୍ମଚାରୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯିବ। ସେପ୍ଟେମ୍ବର ୧ ସୁଦ୍ଧା ସମ୍ପୃକ୍ତ କର୍ମଚାରୀ କାର୍ଯ୍ୟରେ ଯୋଗଦେବେ। ସେବା ନିବୃତ୍ତ ବୟସରେ ଉପନୀତ କର୍ମଚାରୀଙ୍କୁ ୨୧ ତାରିଖ ବୈଠକରେ ଆଲୋଚନା ଅନୁଯାୟୀ କମ୍ପାନୀ ପକ୍ଷରୁ ଏକକାଳୀନ ଥଇଥାନ କରାଯିବ ବୋଲି କ୍ଷତିଗ୍ରସ୍ତ ପ୍ରଜାଙ୍କ ମଧ୍ୟରୁ ରାଜୀବ ଗୋପାଳ ସ୍ୱାଇଁ ସୂଚନା ଦେଇଛନ୍ତି । ବୈଠକରେ ସଦର ଏସ୍‌ଡିପିଓ ବିକାଶ ବେଉରା, ଜିଲା ଶ୍ରମ ଅଧିକାରୀ ସତ୍ୟନାରାୟଣ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।



ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ପ୍ରଶାସନିକ ଅଧିକାରୀଙ୍କ ସମେତ ଅନ୍ୟମାନେ।

# କଳାବ୍ୟାଜ୍ ପିନ୍ଧିଲେ ରକ୍ତଭଣ୍ଡାର କର୍ମଚାରୀ



ରକ୍ତଭଣ୍ଡାର କର୍ମଚାରୀମାନେ କଳାବ୍ୟାଜ୍ ପିନ୍ଧି କାର୍ଯ୍ୟକୁ ଓହ୍ଲାଇଛନ୍ତି।

ଢେଙ୍କାନାଳ ଅଫିସ, ୧୨।୮

ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବର ପ୍ରତିବାଦରେ ଶୁକ୍ରବାରଠାରୁ କଳାବ୍ୟାଜ୍ ପିନ୍ଧି କାର୍ଯ୍ୟକୁ ଓହ୍ଲାଇଛନ୍ତି ଢେଙ୍କାନାଳ ଜିଲା ରକ୍ତଭଣ୍ଡାରର କର୍ମଚାରୀ। ରାଜ୍ୟର ବିଭିନ୍ନ ରକ୍ତଭଣ୍ଡାରରେ ଲାବୋରେଟୋରି ଟେକ୍ନିସିଆନ, ଷ୍ଟାଫନର୍ସ, ପିଆର୍‌ଓ, କିରାଣି, ଡିଇଓ, ଏସ୍‌ଏସ୍‌ଆଇ, ଆକାଉଣ୍ଟାଣ୍ଟ କାଉନ୍‌ସିଲର, ପ୍ରୋପାଗଣ୍ଡା ଅଫିସର, କାଉଣ୍ଟର ଆସିଷ୍ଟାଣ୍ଟ, ଆଟେଣ୍ଡାଣ୍ଟ, ସୁଇପର ଆଦି ପଦବୀରେ ଅସ୍ଥାୟୀ କର୍ମଚାରୀ କାର୍ଯ୍ୟ କରୁଛନ୍ତି। କରୋନା ସମୟରେ ଜୀବନକୁ ବାଜିଲଗାଇ ସେମାନେ କାମ କରିଛନ୍ତି। ସ୍ୱଳ୍ପ ବେତନ ଯୋଗୁ ସମ୍ପୃକ୍ତ କର୍ମଚାରୀ ଓ ସେମାନଙ୍କ ପରିବାର ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ସରକାରଙ୍କ ଏଭଳି ଅବିଚାର ଦୁର୍ଭାଗ୍ୟପୂର୍ଣ୍ଣ ବୋଲି ସେମାନେ ଅଭିଯୋଗ କରିଛନ୍ତି। ରକ୍ତଭଣ୍ଡାର ଭଳି ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ଅନୁଷ୍ଠାନରେ କାର୍ଯ୍ୟରତ କର୍ମଚାରୀଙ୍କୁ ହକ୍‌ଦାବି ପ୍ରଦାନ କରିବାକୁ ପରମାନନ୍ଦ ପଣ୍ଡା, ରୋହିତ ଦାସ, ବରୁଣ ସାହୁ, ଅଜୟ ସ୍ୱାଇଁ, ତପନ ଜେନା, ପୁରୁଷୋତ୍ତମ ନାୟକ ପ୍ରମୁଖ ଦାବି କରିଛନ୍ତି।

# ୬୬ ଲିଟର ମଦ ଜବତ, ୨ ଗିରଫ

**ଢେଙ୍କାନାଳ ଅଫିସ,୧୨।୮:** ଢେଙ୍କାନାଳ ସଦର ଥାନା ପୋଲିସ ଶୁକ୍ରବାର ପୃଥକ୍ ଘଟଣାରେ ୬୬ ଲିଟର ଦେଶୀ ମଦ ସହ ୨ଟି ସ୍କୁଟି ଜବତ କରିଛି। ଏହି ଘଟଣାରେ ୨ଜଣଙ୍କୁ ଗିରଫ କରାଯାଇଛି। ଗୋବିନ୍ଦପୁର ଫାଣ୍ଡି ପୋଲିସ ପଦ୍ମନାଭପୁର ଅଞ୍ଚଳରୁ ସ୍କୁଟିରେ ଚାଲାଣ କରାଯାଉଥିବା ୫୧ ଲିଟର ଦେଶୀ ମଦ ଜବତ କରିଥିଲା। ଏହି ଘଟଣାରେ ଅଭିଯୁକ୍ତ ପ୍ରଦୀପ ସାହୁ ଓରଫ୍ ପଦିଆ ଗିରଫ ହୋଇଛନ୍ତି। ଏ ସଂକ୍ରାନ୍ତରେ ସଦର ଥାନାରେ ଏକ ମାମଲା (ନଂ. ୩୫୬/୨୨) ରୁଜୁ ହୋଇଛି। ସେହିପରି ଗହମଖୁଣ୍ଟି ଅଞ୍ଚଳରୁ ଏକ ସ୍କୁଟିରେ ୧୫ ଲିଟର ମଦ ଚାଲାଣ ବେଳେ ପୋଲିସ ଜବତ କରିଛି। ଏହି ଘଟଣାରେ ବିଷ୍ଣୁ ପ୍ରସାଦ ରାଉତଙ୍କୁ ଗିରଫ କରାଯାଇଛି। ଏ ନେଇ ଏକ ମାମଲା (ନଂ.୩୫୭/୨୨) ରୁଜୁ କରାଯାଇଛି।

# ତ୍ରିରଙ୍ଗା ରାଲିରେ ୪ କି.ମି.



ଢେଙ୍କାନାଳ ଅଫିସ, ୧୨।୮

ହାତରେ ଥିଲା ତ୍ରିରଙ୍ଗା। ମୁହଁରେ ଭାରତମାତାର ଜୟଗୀତି। ଦେଶପ୍ରୀତି ଆଗରେ ଫିକା ପଡ଼ିଗଲା ପ୍ରବଳ ବର୍ଷା। ଦୀର୍ଘ ୪ କିଲୋମିଟର ପଦଯାତ୍ରା କରି ଦେଶପ୍ରେମର ବାର୍ତ୍ତା ବାଣ୍ଟିଲେ ୬୦୦ ଛାତ୍ରୀଛାତ୍ର। 'ଆଜାଦୀ କା ଅମୃତ ମହୋତ୍ସବ' ଉପଲକ୍ଷେ ଶୁକ୍ରବାର ଢେଙ୍କାନାଳ ସେଣ୍ଟ ଜାଭିୟର୍ସ ହାଇସ୍କୁଲ ପକ୍ଷରୁ ଆୟୋଜିତ ଏଭଳି ଏକ ନିଆରା କାର୍ଯ୍ୟକ୍ରମ ସହରବାସୀଙ୍କୁ ଦେଶପ୍ରେମରେ ଉଦ୍‌ବୁଦ୍ଧ କରାଇଥିଲା।

ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ପାଳନ କରୁଛି ଦେଶ। ଏହାକୁ ନେଇ ବିବିଧ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହି ପରିପ୍ରେକ୍ଷୀରେ ସେଣ୍ଟ୍ ଜାଭିୟର୍ସ ହାଇସ୍କୁଲ ତରଫରୁ ଆୟୋଜନ କରାଯାଇଥିଲା ତ୍ରିରଙ୍ଗା ପଦଯାତ୍ରା। ଏଥିରେ ଶିକ୍ଷାନୁଷ୍ଠାନର ୬୦୦ ଛାତ୍ରୀଛାତ୍ର, ଏନ୍‌ସିସି କ୍ୟାଡେଟ୍, କର୍ମଚାରୀ ସାମିଲ ହୋଇଥିଲେ। ବାଜିଚୌକଠାରେ ପୂର୍ବାହ୍ନ ସାଢ଼େ ୮ଟାରେ ସମସ୍ତେ ସମବେତ ହୋଇଥିଲେ। ସେଠାରୁ ଶୋଭାଯାତ୍ରା ସହର ପରିକ୍ରମା କରି ମିନି ଷ୍ଟାଡିୟମ୍‌ରେ ପହଞ୍ଚିଥିଲା। ଜୟ ଯବାନ ଜୟ କିଷାନ, ବନ୍ଦେ ମାତରମ୍, ଭାରତ ମାତା କୀ ଜୟ ସ୍ଲୋଗାନରେ ପରିବେଶ କମ୍ପି ଉଠିଥିଲା। ବିଦ୍ୟାଳୟ ପ୍ରିନ୍ସିପାଲ ପ୍ରତାପ ଚନ୍ଦ୍ର ପାଣିଗ୍ରାହୀଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

# 'ଆଦୃତା'ରେ ସାମୂହିକ ଜନ୍ମୋତ୍ସବ

ଢେଙ୍କାନାଳ ଅଫିସ,୧୨।୮

ଢେଙ୍କାନାଳ ଶ୍ୟାମାଚରଣପୁରସ୍ଥିତ ଆଦୃତା ଶିଶୁ ସଦନରେ ଶୁକ୍ରବାର ଅନ୍ତେବାସୀଙ୍କ ସାମୂହିକ ଜନ୍ମୋତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ୨୫ ଶିଶୁ ନୂତନ ବସ୍ତ୍ର ପରିଧାନ କରିଥିଲେ। ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଥିଲା। ଅନୁଷ୍ଠାନ ଅଧ୍ୟକ୍ଷ ପ୍ରଫେସର ଆଦିତ୍ୟ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଡ. ବିନାୟକ ରଥ, ସମ୍ମାନିତ ଅତିଥି ୱିଙ୍ଗ୍ କମାଣ୍ଡର ବିରଜା ପ୍ରସାଦ ସିଂଦେଓ, ରୋଟାରିଆନ ରାଜକିଶୋର ବେହେରା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ, ଶିକ୍ଷାବିତ୍ କୁଳମଣି ନାୟକ ପ୍ରମୁଖ ଶିଶୁମାନଙ୍କୁ ସମୟାନୁବର୍ତ୍ତୀ, କର୍ତ୍ତବ୍ୟନିଷ୍ଠ ସହ ଦୃଢ଼ମନା ହେବାକୁ ଆହ୍ୱାନ ଦେଇଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର ପ୍ରତିଷ୍ଠାତା ଆନନ୍ଦ ମୂର୍ତ୍ତିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଶିବ ପ୍ରସାଦ ପଣ୍ଡାଙ୍କ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ଶିଶୁ ସଦନରେ ସାମୂହିକ ଜନ୍ମୋତ୍ସବ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

# କପିଳାସ ପୀଠରେ ସଫେଇ



ପୂର୍ବତନ ବିଧାୟକ ନବୀନ ନନ୍ଦଙ୍କୁ ସ୍ମୃତି ଫଳକ ପ୍ରଦାନ କରାଯାଉଛି।

ଢେଙ୍କାନାଳ ଅଫିସ, ୧୨।୮

ଢେଙ୍କାନାଳର ପ୍ରସିଦ୍ଧ ଶୈବପୀଠ କପିଳାସରେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନ ଆନୁକୂଲ୍ୟରେ ଶୁକ୍ରବାର ସଫେଇ କରାଯାଇଛି। ଢେଙ୍କାନାଳ କଲେଜ, ଦେଓଗାଁ ହାଇସ୍କୁଲର ଛାତ୍ରୀଛାତ୍ର, ଏନ୍‌ସିସି କ୍ୟାଡେଟ୍ ଏଥିରେ ସାମିଲ ହୋଇଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ନବୀନ ନନ୍ଦ, ସମ୍ମାନିତ ଅତିଥି ପୂର୍ବତନ ସରପଞ୍ଚ ମଙ୍ଗରାଜ ବାରିକ, ଏଏସ୍‌ଆଇ ପକ୍ଷରୁ ପ୍ରତାପ ନାୟକ, ପ୍ରଦୀପ ରାଉତ, ସୁଶାନ୍ତ ଗୋଚ୍ଛାୟତ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରାଇଥିଲେ। ଏହି ଅବସରରେ ଏଏସ୍‌ଆଇ ପକ୍ଷରୁ ମୁଖ୍ୟ ଅତିଥିଙ୍କୁ ସ୍ମୃତିଫଳକ ପ୍ରଦାନ କରାଯାଇଥିଲା।

# ବ୍ୟବସ୍ଥିତ ହେବ ସ୍ୱେରେଜ୍ ବ୍ୟବସ୍ଥା

**ବିଭିନ୍ନ ପ୍ରକଳ୍ପ ପାଇଁ ଗଠନ କରାଯିବ କମିଟି**

ଢେଙ୍କାନାଳ ଅଫିସ, ୧୨।୮

ଲଗାଣ ବର୍ଷାରେ ଉବୁଟୁବୁ ହେଉଛି ଢେଙ୍କାନାଳ ପୌରାଞ୍ଚଳ। ଆବର୍ଜନାରେ ଡ୍ରେନ୍ ଭର୍ତ୍ତି ହୋଇ ରହିଥିବାବେଳେ ଦୁର୍ଗନ୍ଧମୟ ଜଳ ରାସ୍ତାରେ ଚାଲୁଛି। ଘରେ ମଇଳା ପାଣି ପଶୁଛି। ବର୍ଷ ବର୍ଷ ଧରି ସହରବାସୀ ଏଭଳି ସମସ୍ୟାର ସମ୍ମୁଖୀନ ହେଉଥିବାବେଳେ ଏହାର ସ୍ଥାୟୀ ସମାଧାନ ଲାଗି ପୌର ପରିଷଦ ସାଧାରଣ ବୈଠକରେ ନିଷ୍ପତ୍ତି ହୋଇଛି। ସହରର ଡ୍ରେନ୍‌ଗୁଡ଼ିକୁ ବ୍ୟବସ୍ଥିତ କରାଯିବ। ସେହିପରି ପ୍ରକଳ୍ପର କାର୍ଯ୍ୟାନ୍ୱୟନ ପାଇଁ ବିଭିନ୍ନ କମିଟି ଗଠନ କରାଯିବ ବୋଲି ସ୍ଥିର କରାଯାଇଛି।

ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ରଙ୍କ ଅଧ୍ୟକ୍ଷତାରେ ପୌରସଂସ୍ଥା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ବର୍ଷାଦିନେ ସହରରେ ସୃଷ୍ଟି ହୋଇଥିବା ସାଂଘାତିକ ସ୍ଥିତି ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ସ୍ୱେରେଜ ବ୍ୟବସ୍ଥାର ସମାଧାନ ନ ହେଲେ ସମସ୍ୟା ସ୍ଥାୟୀ ପ୍ରତିକାର ହେବ ନାହିଁ ବୋଲି ମତ ପ୍ରକାଶ ପାଇଥିଲା। ଏହାପରେ ବିଧାୟକ ସୁଧୀର କୁମାର ସାମଲ ସ୍ୱେରେଜ ବ୍ୟବସ୍ଥା ସୁଦୃଢ଼ୀକରଣ ଲାଗି ଦେଇଥିବା ପ୍ରସ୍ତାବକୁ ଅନୁମୋଦନ କରାଯାଇଥିଲା। ଏ ନେଇ ରାଜ୍ୟ ସରକାରଙ୍କୁ ଅନୁରୋଧ କରିବେ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ପୌରସଂସ୍ଥାରେ ପ୍ରସ୍ତାବିତ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ପାଇଁ ପୌରାଧ୍ୟକ୍ଷାଙ୍କ ଅଧ୍ୟକ୍ଷତାରେ ବିଭିନ୍ନ କମିଟି ଗଠନ କରାଯିବ। ଅଗଷ୍ଟ ୧୩ରୁ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରାଯିବ। ଅଗଷ୍ଟ ୩୧ରେ ସ୍ୱାୟତ୍ତ ଶାସନ ଦିବସ ମଧ୍ୟ ପାଳନ ଆଡମ୍ବରରେ ହେବ ବୋଲି ଆଲୋଚନା ହୋଇଥିବାବେଳେ ପରିମଳ ବ୍ୟବସ୍ଥା ସୁଧାରିବା ସମ୍ପର୍କରେ ମତ ଗ୍ରହଣ କରାଯାଇଥିଲା। ପୌରାଧ୍ୟକ୍ଷା, ଉପାଧ୍ୟକ୍ଷ ଏବଂ ସମସ୍ତ କାଉନ୍‌ସିଲର ପୌରାଞ୍ଚଳର ବିକାଶ ପାଇଁ ଏକାଠି ହୋଇ କାମ କରିବା ଲାଗି ବିଧାୟକ ପରାମର୍ଶ ଦେଇଥିଲେ। ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କୁଅଁର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇଥିବାବେଳେ ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ ସରକାରୀ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ପୌରଯନ୍ତ୍ରୀ ରଶ୍ମିତା ମିଶ୍ର ନିର୍ମାଣାଧୀନ ପ୍ରକଳ୍ପ ସମ୍ପର୍କରେ ଅବଗତ କରାଇଥିଲେ। ଏମ୍‌ପିଙ୍କ ପ୍ରତିନିଧି ରୁଦ୍ରାନ୍ତ ଦଳେଇ, ସମସ୍ତ କାଉନ୍‌ସିଲର ଉପସ୍ଥିତ ଥିଲେ।



ବୈଠକରେ ବିଧାୟକ, ପୌରାଧ୍ୟକ୍ଷଙ୍କ ସମେତ ଅନ୍ୟମାନେ।

## ମଦ ଜବତ, ଜଣେ ଗିରଫ

ବଇଣ୍ଡା, (ଡି.ଏନ.ଏ.): କିଶୋରନଗର ଥାନା ପୋଲିସ ଗୁରୁବାର ଅଙ୍ଗପଡା ଗ୍ରାମରେ ଚଢାଉ କରି ଅଶୋକ ପ୍ରଧାନଙ୍କ ଦୋକାନରୁ ୫୨ଟି ପାଉଚ ମଦ ଜବତ କରିଛି। ଏଥିସହ ତାଙ୍କୁ ଗିରଫ କରିଛି। ସେ ତାଙ୍କ ଦୋକାନରେ ଚୋରାରେ ମଦ ବିକ୍ରି କରୁଥିବା ଖବରପାଇ ଥାନା ଆଇଆଇସି ଲବ ବୋଡା ଚଢାଉ କରିଥିଲେ। ଏ ନେଇ ନମ୍ବର ୧୩୪/୨୨ ରେ ଏକ ମାମଲା ରୁଜୁ ହୋଇଛି।

**ସଂକ୍ଷେପରେ**

## ବଦଳିଲେ ଅନୁଗୋଳ, ଆଠମଲ୍ଲିକ ବିଡିଓ

**ଅନୁଗୋଳ ଅଫିସ, ୧୨।୮:** ଅନୁଗୋଳ ଓ ଆଠମଲ୍ଲିକ ବିଡିଓଙ୍କ ବଦଳି ହୋଇଛି। ଅନୁଗୋଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସନ୍ଧ୍ୟାଞ୍ଜଳି ମାଝିଙ୍କୁ ଢେଙ୍କାନାଳ ଜିଲା କାମାକ୍ଷାନଗର ତହସିଲଦାର ଭାବେ ବଦଳି କରାଯାଇ ଥିବାବେଳେ ଆଠମଲ୍ଲିକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସନ୍ତୋଷ ସାହୁଙ୍କୁ ପୁରୁଷୋତ୍ତମପୁର ତହସିଲଦାର ଭାବେ ବଦଳି କରାଯାଇଛି। ସେହିପରି ଧର୍ମଶାଳା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅରବିନ୍ଦ ବେହେରାଙ୍କୁ ଅନୁଗୋଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାବେ ବଦଳି କରାଯାଇଛି। ବିଷମକଟକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଲବର୍ଟ ଲାକ୍ରାଙ୍କୁ ଆଠମଲ୍ଲିକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାବେ ବଦଳି କରାଯାଇଛି। ସେହିଭଳି ଓଡାପଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦାଶରଥି ଜେନାଙ୍କୁ ତାଳଚେର ତହସିଲଦାର ଭାବେ ବଦଳି କରା ଯାଇଛି।

## ପୋଲିସ କର୍ମଚାରୀଙ୍କୁ ବାନ୍ଧିଲେ ରାଖୀ



ଖମାର, ୧୨।୮ (ଡି.ଏନ.ଏ.)- ପାଲଲହଡ଼ା ଉପଖଣ୍ଡ ଖମାର ଥାନାର ସମସ୍ତ କର୍ମଚାରୀଙ୍କୁ ଭାଜପା ମହିଳା ମୋର୍ଚ୍ଚା ତରଫରୁ ରକ୍ଷାବନ୍ଧନ ଅବସରରେ ରାଖୀ ବନ୍ଧାଯାଇଛି। ଅଞ୍ଚଳବାସୀଙ୍କ ସହିତ ଭାଇଚାରା ବଜାୟ ରଖିବା ଉଦ୍ଦେଶ୍ୟରେ ପୋଲିସ କର୍ମଚାରୀଙ୍କ ହାତରେ ରାଖୀ ବନ୍ଧାଯାଇଛି। ଏହି ଅବସରରେ ଅନୁଗୋଳ ଜିଲା ଭାଜପା ଯୁବ ମୋର୍ଚ୍ଚା ସମ୍ପାଦିକା ଶୁଭସ୍ମିତା ଜେନା ଓ ଖମାର ମଣ୍ଡଳ ମହିଳା ମୋର୍ଚ୍ଚା ସଭାନେତ୍ରୀ ସ୍ୱର୍ଣ୍ଣଲତା ସାହୁ ଉପସ୍ଥିତ ଥିଲେ। ଖମାର ମଣ୍ଡଳ ସଭାପତି ଗୌରଚନ୍ଦ୍ର ପ୍ରଧାନଙ୍କ ସହିତ ଭାଜପାର ଅନେକ ନେତା ସାମିଲ ହୋଇଥିଲେ।

## ଲୁଟ୍ ମାମଲାରେ ଜଣେ ଗିରଫ

କଣିହାଁ,୧୨।୮(ଡି.ଏନଏ.)- କଣିହାଁ ବ୍ଲକ ସମଲ ଥାନା ପୋଲିସ ଲୁଟ୍ ମାମଲାରେ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଆଇଆଇସି ଯାଜ୍ଞସେନୀ ପ୍ରଧାନ କହିଛନ୍ତି, ବିକିଶର ଛକରୁ ୨ ଜଣଙ୍କଠାରୁ ଡକାୟତି ଅଭିଯୋଗରେ ନଂ.୧୭୧/୨୨ ମାମଲା ରୁଜୁ ହୋଇଥିଲା। ଏଥିରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ ସହିତ ୫ ହଜାର ଟଙ୍କା ଜବତ କରାଯାଇଥିଲା। ଅନ୍ୟଜଣେ ଫେରାର ଥିଲେ। ଶୁକ୍ରବାର ଫେରାର ଅଭିଯୁକ୍ତ ଏକ ଘଡ଼ିଆ ଗ୍ରାମର ସୁନୀଲ ନାୟକଙ୍କୁ ଗିରଫ କରାଯାଇଛି।

# ଉପକାରାଗାରରେ ସଚେତନତା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି, କର୍ମକର୍ତ୍ତା ଓ ଅଧିକାରୀମାନେ।

**ତାଳଚେର, ୧୨।୮ (ଡି.ଏନ.ଏ.)**

ଭାରତୀୟ ଭ୍ରଷ୍ଟାଚାର ନିବାରଣ ସଂସ୍ଥା (ଏସିଆଇସି) ଅନୁଗୋଳ ଶାଖା ପକ୍ଷରୁ ରକ୍ଷାବନ୍ଧନ ଅବସରରେ ତାଳଚେର ସ୍ୱତନ୍ତ୍ର ଉପକାରାଗାର ଅନ୍ତେବାସୀଙ୍କ ଉଦ୍ଦେଶ୍ୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏସିଆଇସି ଅନୁଗୋଳ ଜିଲା ଶାଖା ସଭାପତି ଧୀରମୋହନ ରାୟ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ବିଭୂତି ସାହୁ, ବିଶିଷ୍ଟ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ପ୍ରଭାତିନୀ ଆଚାର୍ଯ୍ୟ, ତାଳଚେର ଉପଖଣ୍ଡ ଚିକିତ୍ସାଳୟର ବରିଷ୍ଠ ଅଧିକାରୀ ଡାକ୍ତର ଅରବିନ୍ଦ ନନ୍ଦୀ, ଯୁବନେତା ରଙ୍ଗାଧର ନାହାକ, ଏସିଆଇସି ସାଧାରଣ ସମ୍ପାଦକ ଆଶୁତୋଷ ଦାସ ପ୍ରମୁଖ ଯୋଗଦେଇ ଅନ୍ତେବାସୀଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ। ସେମାନେ କିପରି ବିନା ମୂଲ୍ୟରେ ଆଇନ ସେବା ପାଇପାରିବେ ସେ ସମ୍ପର୍କରେ ଆଚାର୍ଯ୍ୟ ପରାମର୍ଶ ଦେଇଥିଲେ। ଆଶୁ କବି କରୁଣାକର ବାଇ କବିତା ମାଧ୍ୟମରେ ଅନ୍ତେବାସୀମାନଙ୍କୁ ଉଲ୍ଲସିତ କରାଇଥିଲେ। ପରେ ରକ୍ଷାବନ୍ଧନ ଏବଂ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ତାଳଚେର ପୌର ପରିଷଦ ପକ୍ଷରୁ ୪ଟି ଡଷ୍ଟବିନ୍ ପ୍ରଦାନ କରା ଯାଇଥିବାରୁ ପୌର ନିର୍ବାହୀ ଅଧିକାରୀ ରଶ୍ମି ରେଖା ଅମାନ୍ତଙ୍କୁ ଉପକାରାଗାରର ଅଧ୍ୟକ୍ଷ ଦିଲୀପ ବେହେରା ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦେବାଶିଷ ପରିଡା, ଅସିତ କୁମାର ସାହୁ, ବିକାଶ ସାହୁ, ଆଇନଜୀବୀ ବାଉରୀ ବନ୍ଧୁ ବେଜ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଉପକାରାଗାର ଅଧ୍ୟକ୍ଷ ଧନ୍ୟବାଦ ଜ୍ଞାପନ କରିଥିଲେ।

## ଗଙ୍ଗାଧର ମେହେରଙ୍କ ଜୟନ୍ତୀ

**ମାଧପୁର,୧୨।୮:** ମାଧପୁର ଉଚ୍ଚବିଦ୍ୟାଳୟରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଜୟନ୍ତ ମାହାର ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଗିରିଜା ଶଙ୍କର ରଥ ଯୋଗଦେଇ ମେହେରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବିଦ୍ୟାଳୟର ପୂର୍ବତନ ଶିକ୍ଷକ ପରାଶର ମେଣ୍ଡୁଲି ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ପୂର୍ବରୁ ମେହେରଙ୍କ ଉପରେ ଆଧାରିତ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କ ସମେତ ନୃତ୍ୟସଙ୍ଗୀତ ଉପରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବିଜ୍ଞାନ ଶିକ୍ଷକ ଶିତିକଣ୍ଠ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବସନ୍ତ ବିଶ୍ୱାଳ, ବଳରାମ ବେହେରା, ରମାବତୀସାହୁପ୍ରମୁଖଉପସ୍ଥିତଥିଲେ।

## ଗଛକୁ ସୁରକ୍ଷା ଦେବାକୁ ଆହ୍ୱାନ



ଚାରାରୋପଣ କାର୍ଯ୍ୟକ୍ରମରେ ବନ କର୍ମଚାରୀମାନେ।

**ଢେଙ୍କାନାଳ ଅଫିସ, ୧୨।୮**

ଢେଙ୍କାନାଳ ସଦର ବ୍ଲକ ବଣସିଂହସ୍ଥିତ ସ୍ୱେଚ୍ଛାସେବୀ ସଙ୍ଗଠନ 'ଇଡିଅଟ୍' ପକ୍ଷରୁ ରକ୍ଷାବନ୍ଧନ ଉପଲକ୍ଷେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ବନଖଣ୍ଡ ଅଧିକାରୀ ଡ. ପ୍ରକାଶ ଚାନ୍ଦ ଗୋଗିନେନି ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଥମେ ଜାମୁ ଚାରାରୋପଣ କରିଥିଲେ। ଗଛକୁ ସୁରକ୍ଷା ଦେବାକୁ ଆହ୍ୱାନ ଦେଇ ମହୁଲ, ଶାଳ ଗଛରେ ରାଖୀ ବାନ୍ଧିଥିଲେ। ଉପସ୍ଥିତ ସ୍ୱେଚ୍ଛାସେବୀ ଚାରା ଲଗାଇଥିଲେ। ଇଡିଅଟ୍ ସଦସ୍ୟ ସରୋଜ ଶତପଥୀ, ଶିଶିର ଶତପଥୀ, ପ୍ରକାଶ ଚନ୍ଦ୍ର ହୋତା, ସୁଶାନ୍ତ ପଣ୍ଡା, ଶିଶିର ପାଣି, ଗ୍ରାମର ଜଗବନ୍ଧୁ ନାୟକ, ଲକ୍ଷ୍ମୀଧର ପରିଡ଼ା, ରଞ୍ଜନ ହୋତା, ମନୋଜ ପାଣିଗ୍ରାହୀ, ଅଭୟ ହୋତା, ଗୌରାଙ୍ଗ ମହାନ୍ତି, ଶଶାଙ୍କ ପାଣି, ଗଦାଧର ପରିଡ଼ା, ଯୋରନ୍ଦା ସେକ୍ସନର ମଧୁସ୍ମିତା ପତି, ହାତୀ ସ୍କ୍ୱାଡ୍ କର୍ମଚାରୀ ଉପସ୍ଥିତ ଥିଲେ।

## କୃମି ନାଶ ବଟିକା ଖାଇଲେ ଛାତ୍ରୀଛାତ୍ର



ଛାତ୍ରୀମାନେ କୃମି ନାଶ ବଟିକା ଖାଉଛନ୍ତି।

**ଛେଣ୍ଡିପଦା,୧୨।୮(ସ୍ୱ.ପ୍ର.):** ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକରେ ଥିବା ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟରେ ଜାତୀୟ କୃମି ନାଶ ଦିବସ ପାଳିତ ହୋଇଯାଇଛି। ଛେଣ୍ଡିପଦା ବ୍ଲକରେ ଚଳିତ ବର୍ଷ ୪୪ ହଜାର ୨୮୯ ପିଲାଙ୍କୁ କୃମି ନାଶ ଔଷଧ ସେବନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ପ୍ରଥମ ଦିବସରେ ୩୧ ହଜାର ୮୦୦ ପିଲା ଔଷଧ ସେବନ କରିଛନ୍ତି। କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତତ୍ତ୍ୱାବଧାନରେ ୧ ବର୍ଷରୁ ୧୯ ବର୍ଷ ପର୍ଯ୍ୟନ୍ତ ଶିଶୁ ଓ ଛାତ୍ରୀଛାତ୍ରମାନଙ୍କୁ ବଟିକା ସେବନ କରାଯିବ। ଏ ସମ୍ପର୍କରେ ୭ଟି କେନ୍ଦ୍ର କରାଯାଇ ଶିକ୍ଷୟିତ୍ରୀ ଶିକ୍ଷକ, ଆଶା ଓ ଅଙ୍ଗନୱାଡି କର୍ମୀମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଯେଉଁ ଛାତ୍ରୀଛାତ୍ରମାନେ ଏହି ବଟିକା ସେବନ କରିପାରି ନାହାନ୍ତି, ସେମାନେ ୧୯ ତାରିଖରେ ଔଷଧ ସେବନ କରିପାରିବେ ବୋଲି ବିପିଏମ ସଞ୍ଜୟ ବେହେରା ପ୍ରକାଶ କରିଛନ୍ତି।

# କଂଗ୍ରେସର ଗୌରବ ଯାତ୍ରା

**ଛେଣ୍ଡିପଦା,୧୨।୮(ସ୍ୱ.ପ୍ର.):** ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଦୁର୍ଗାପୁରଠାରେ ୭୫ବର୍ଷ ସ୍ୱାଧୀନତାର ଗୌରବ ଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଛେଣ୍ଡିପଦା ବ୍ଲକ କଂଗ୍ରେସ ସଭାପତି କୃତାର୍ଥ ଦେହୁରୀଙ୍କ ନେତୃତ୍ୱରେ ଆୟୋଜିତ ଗୌରବ ଯାତ୍ରାରେ ଜାତୀୟ ମହିଳା କଂଗ୍ରେସ ସମ୍ପାଦିକା ସସ୍ମିତା ବେହେରା ଯୋଗଦେଇ ଦୁର୍ଗାପୁର ପଞ୍ଚାୟତ କାର୍ଯ୍ୟାଳୟ ନିକଟରୁ ଏକ ପଦଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରିଥିଲେ। ଏହି ପରିପ୍ରେକ୍ଷୀରେ ଦେଶ ପାଇଁ ତ୍ୟାଗ ଓ ବଳିଦାନ ଦେଇଥିବା ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସ୍ମରଣ କରିବା ସହିତ ତାଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଓବିସି ସେଲ ସଭାପତି ପ୍ରବୋଧ କୁମାର ସ୍ୱାଇଁ, ଯୁବ ନେତା ଅଭିରାମ ସାହୁ, ଛାତ୍ର ନେତା କୈଳାସ ପ୍ରଧାନ, ତ୍ରିନାଥ ସାହୁ, ସୁନୀଲ ସାହୁ, ପୀତବାସ ଦେହୁରୀ, ଡିଲେଶ୍ୱର ସେଠୀ, ସମୀର ସାହୁଙ୍କ ସମେତ ବହୁ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।




କଂଗ୍ରେସ କର୍ମୀମାନେ ଶୋଭାଯାତ୍ରାରେ ଯାଉଛନ୍ତି।

## ୨୩୩ ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ



**ସାତମାଇଲ, ୧୨।୮(ଡି.ଏନ୍.ଏ.):** ହିନ୍ଦୋଳ ବ୍ଲକ ଦୁଦୁରୁକୋଟ ପ୍ରକଳ୍ପ ଉପ୍ରା ବିଦ୍ୟାଳୟରେ ଶୁକ୍ରବାର ପୋଷାକ ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବିରଞ୍ଚି ନାରାୟଣ ସାମଲଙ୍କ ପୌରୋହିତ୍ୟରେ ସ୍କୁଲ କମିଟି ସଭାପତି ପ୍ରଶାନ୍ତ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ୨୩୩ ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟାଯାଇଥିଲା। ଶିକ୍ଷୟିତ୍ରୀ ଝରଣା ଗଡ଼ନାୟକ, ଦେବଯାନୀ ପଟ୍ଟନାୟକ, ସୁକାନ୍ତି ସାହୁ, ନିରୁପମା ମହାପାତ୍ର, ଶିକ୍ଷକ ବ୍ରହ୍ମା ସେଠୀ, ମଳୟ ପ୍ରଧାନ, ରମେଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।


**ADVERTISEMENT FOR PROJECT ASSISTANT**
**P.G. DEPARTMENT OF SOCIAL SCIENCE**
**FAKIR MOHAN UNIVERSITY**
Vyasa Vihar, Balasore - 756089

Applications are invited from interested candidates for the engagement of one Project Assistant on purely temporary basis for the Odisha State Higher Education Council, Government of Odisha (OURIIP Seed Fund - 2022) sponsored project entitled as "A Multi-Level Analysis of Trends and Dimensions of Voting Behaviour in India since 1999. A Case study of Balasore district of Odisha" in the P.G. Department of Social Science, Fakir Mohan University, Balasore.
Please log into **http://fmuniversity.nic.in**. for details.

Sd./- Principal Investigator


# ଆଜିଠାରୁ କୋଶଳା ମା'ରାମଚଣ୍ଡୀଙ୍କ ୪ ଦିନିଆ ଯାତ୍ରା

**ଛେଣ୍ଡିପଦା,୧୨।୮(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ କୋଶଳାର ଅଧିଷ୍ଠାତ୍ରୀ ଦେବୀ ମା'ରାମଚଣ୍ଡୀ ଠାକୁରାଣୀଙ୍କ ୪ ଦିନ ବ୍ୟାପୀ ବାର୍ଷିକ ଯାତ୍ରା ଓ ପୂଜା ଶନିବାରଠାରୁ ଆରମ୍ଭ ହେବ। ଏଥିପାଇଁସମସ୍ତ ପ୍ରସ୍ତୁତିଶେଷ ହୋଇଛି। କୋଶଳା ଗ୍ରାମ ସଭାପତି ବ୍ରଜକିଶୋର ସାହୁଙ୍କ ସଭାପତିତ୍ୱରେ ଏ ନେଇ ବୈଠକରେ ମା'ରାମଚଣ୍ଡୀ ଠାକୁରାଣୀ ଟ୍ରଷ୍ଟ ବୋର୍ଡର ସଦସ୍ୟ, ଗ୍ରାମ ଦଳପତି ବୃନ୍ଦ, ମାନ୍ୟଗଣ୍ୟ ବ୍ୟକ୍ତି, ରାମଚଣ୍ଡୀ ସେବାସଂଘ ସଦସ୍ୟଙ୍କ ସମେତ ଅନ୍ୟାନ୍ୟ ଅନୁଷ୍ଠାନର ସଭ୍ୟଙ୍କ ଦ୍ୱାରା ବିଭିନ୍ନ ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ଯାତ୍ରା ପଡିଆରେ ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ସୁରକ୍ଷା, ପାନୀୟ ଜଳ, ଆଶୁ ଚିକିତ୍ସାକେନ୍ଦ୍ର ଖୋଲାଯାଇଛି। ସିସିଟିଭି ମାଧ୍ୟମରେ ସ୍ୱତନ୍ତ୍ର ନଜର ରଖାଯାଇଛି। ଶାନ୍ତି ଶୃଙ୍ଖଳ ନିମନ୍ତେ ଅତିରିକ୍ତ ଅରକ୍ଷୀ ଅଧବକାରୀ ପ୍ରସନ୍ନ କୁମାର ବିଶ୍ୱାଳ, ଏସ୍‌ଡିପିଓ ଭାବାନୀ ଶଙ୍କର ଉଦଗାତା, ଇନ୍ସପେକ୍ଟର ଧୀରେନ କୁମାର ବେହେରା, ସଦରଥାନା ସହକାରୀ ଇନ୍ସପେକ୍ଟର ବି.ବି. ଜୟପୁରୀଆଙ୍କ ସମେତ ୮ଜଣ ଏସ୍‌ଆଇ, ୯ ଏଏସ୍‌ଆଇଙ୍କ ସମେତ ୩ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ଗ୍ରାମ ସମ୍ପାଦକ ପ୍ରକାଶ ଚନ୍ଦ୍ର ଦେହୁରୀ, ଟ୍ରଷ୍ଟ ବୋର୍ଡ ସଭାପତି ଉଦିତ କୁମାର ପ୍ରଧାନ ଓ ସମ୍ପାଦକ ଶିଦ୍ଧାର୍ଥ ଶଙ୍କର ସାହୁ ପ୍ରମୁଖ ଯାତ୍ରାରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବାକୁ ନିବେଦନ କରିଛନ୍ତି।



ଗ୍ରାମବାସୀ ଧାନତଳି ରୋଇ ପ୍ରତିବାଦ କରୁଛନ୍ତି।

# ରାସ୍ତାରେ ରୋଇଲେ ଧାନଗଛ

**କାମାକ୍ଷାନଗର, ୧୨।୮(ଡି.ଏନ୍.ଏ.)**

**୫୩ନଂ. ଜାତୀୟ ରାଜପଥ ମରଣଯନ୍ତା**

ରାସ୍ତା ପାଲଟିଛି ମରଣଯନ୍ତା। ଲଗାଣବର୍ଷାରେ କାଦୁଅରେ ପରିପୂର୍ଣ୍ଣ ହୋଇଯାଇଛି। ଏହି ରାସ୍ତା ନିର୍ମାଣରେ ନିୟୋଜିତ କମ୍ପାନୀ ସମସ୍ୟାକୁ ଅଣଦେଖା କରିଚାଲିଛି। ଏଥିରେ ଅତିଷ୍ଠ ହୋଇପଡ଼ିଥିବା ଗ୍ରାମବାସୀ କାଦୁଅ ରାସ୍ତାରେ ଧାନତଳି ରୋଇ ନିଆରା ଢଙ୍ଗରେ ଏହାର ପ୍ରତିବାଦ କରିଛନ୍ତି। କାମାକ୍ଷାନଗର ଏନ୍ଏସି ଆଲତୁମା ନିକଟ ୫୩ନଂ. ଜାତୀୟ ରାଜପଥରେ ଅଞ୍ଚଳବାସୀଙ୍କ ଏଭଳି ପ୍ରତିବାଦ ଆଲୋଚନାର ବିଷୟ ପାଲଟିଛି।

ସୂଚନାଯୋଗ୍ୟ, ୫୩ନଂ. ଏନ୍ଏଚ୍ ସମ୍ପ୍ରସାରଣ କାର୍ଯ୍ୟ ଜାରି ରହିଥିବାବେଳେ ଆଲତୁମାଠାରେ ଅତି କଦର୍ଯ୍ୟ ହୋଇପଡ଼ିଛି ସଡ଼କ। ଦାୟିତ୍ୱଧାରୀ ଠିକାସଂସ୍ଥାର ବାରମ୍ବାର ଦୃଷ୍ଟି ଆକର୍ଷଣ କରିବା ସତ୍ତ୍ୱେ ପଦକ୍ଷେପ ନିଆଯାଉନାହିଁ। କାମରେ ଅହେତୁକ ବିଳମ୍ବ ହେଉଛି। କେବଳ ଜାତୀୟ ରାଜପଥ ନୁହେଁ, ଗ୍ରାମକୁ ସଂଯୋଗ କରୁଥିବା ୨ଟି ରାସ୍ତା ମଧ୍ୟ ଶୋଚନୀୟ ହୋଇପଡିଛି। ଗାଡ଼ି ଚଳଚଳ ସମ୍ଭବ ହୋଇପାରୁନାହିଁ। ଦୈନିକ ଛୋଟବଡ଼ ଦୁର୍ଘଟଣା ଘଟୁଛି। ତେଣୁ ଗ୍ରାମବାସୀଙ୍କ ପକ୍ଷରୁ ଏଭଳି ପ୍ରତିବାଦ କରାଯାଇଥିଲା। ରାସ୍ତା ମରାମତି ନ ହେଲେ ଆନ୍ଦୋଳନକୁ ଓହ୍ଲାଇବାକୁ ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।




# ତ୍ରିରଙ୍ଗାମୟ ହେବ ମୁଖ୍ୟ ସଡ଼କ

**ଭୁବନ, ୧୨।୮(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଭୁବନ ଏନ୍ଏସିରେ ସ୍ୱାଧୀନତାର ୭୫ତମ ବର୍ଷ ପୂର୍ତ୍ତି ଉପଲକ୍ଷେ ଶନିବାରଠାରୁ ଅଗଷ୍ଟ ୧୬ ଯାଏ 'ଆଜାଦୀ କା ଅମୃତ ମହୋତ୍ସବ' ପାଳନ କରାଯିବ। ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚ୍‌ଜି) ସହାୟତାରେ ମୁଖ୍ୟ ସଡ଼କରେ ୫,୦୦୦ ତ୍ରିରଙ୍ଗା ପତାକା ଲଗାଯିବ। ଏହି ଜାତୀୟ କାର୍ଯ୍ୟକ୍ରମକୁ ହର୍ଷଉଲ୍ଲାସର ସହ ପାଳନ କରିବାକୁ ଶୁକ୍ରବାର ସ୍ଥାନୀୟ ଏନ୍ଏସି ସଭାଗୃହରେ ନଗରପାଳ ଶୁଭେନ୍ଦୁ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।

ନିର୍ବାହୀ ଅଧିକାରୀ ଶ୍ୟାମସୁନ୍ଦର ସାହୁ କାର୍ଯ୍ୟକ୍ରମ ପରିଚାଳନା କରି କହିଲେ, ଏସ୍ଏଚ୍‌ଜି ସହାୟତାରେ ସହରର ମୁଖ୍ୟ ସଡ଼କରେ ସରକାରଙ୍କ ପକ୍ଷରୁ ଯୋଗାଣ କରାଯାଇଥିବା ୫,୦୦୦ ଜାତୀୟ ପତାକା ଲଗାଯିବ। ପ୍ରତି ୱାର୍ଡରେ କାଉନ୍‌ସିଲରମାନେ ଏହି କାର୍ଯ୍ୟର ତଦାରଖ କରିବେ। ଶନିବାର ପୂର୍ବାହ୍ନ ସାଢ଼େ ୮ଟାରୁ ମଙ୍ଗଳବାର ଯାଏ ପ୍ରତି ଘରେ ତ୍ରିରଙ୍ଗା ପତାକା ଉଡ଼ାଇବାକୁ ଜନସାଧାରଣଙ୍କୁ ଆହ୍ୱାନ ଦିଆଯାଇଛି। ସରକାରୀ ଗାଇଡ୍ ଲାଇନ୍ ଅନୁଯାୟୀ ସମସ୍ତ ଶିକ୍ଷାନୁଷ୍ଠାନରେ ସ୍ୱାଧୀନତା ଦିବସ ପାଳନ କରାଯିବ। କରୋନା ସଂକ୍ରମଣ ଦୃଷ୍ଟିରୁ ସାଂସ୍କୃତିକ କାର୍ଯ୍ୟକ୍ରମରେ କାଟଛାଣ୍ଟ କରାଯାଇଛି। ଜାତୀୟ ଦିବସ ପାଳନ ପୂର୍ବରୁ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ବୈଠକରେ ସାମାଜିକ କର୍ମୀ ନରେନ୍ଦ୍ର କୁମାର ସାହୁ, କାଳୀବଜାର ସଭାପତି ସମୀର ସାହୁ, ନୂଆବଜାରର ବରିଷ୍ଠ କର୍ମକର୍ତ୍ତା ଭବାନୀ ଶଙ୍କର ବେହେରା, ଶିକ୍ଷକ ଗୁରୁପ୍ରସାଦ ମିଶ୍ର, କାଉନ୍‌ସିଲର ପପୁ ସାହୁ, ଗିରିଧାରୀ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପୋଲିସ, ଅଗ୍ନିଶମ, ସ୍ୱାସ୍ଥ୍ୟ ବିଭାଗ, ସ୍ୱେଚ୍ଛାସେବୀ ଅନୁଷ୍ଠାନର ଅଧିକାରୀମାନେ ଉପସ୍ଥିତ ଥିଲେ। ସିଆରସିସି ଶତ୍ରୁଘ୍ନ ପାତ୍ର ଧନ୍ୟବାଦ ଦେଇଥିଲେ।



ବୈଠକରେ ନଗରପାଳ, ନିର୍ବାହୀ ଅଧିକାରୀଙ୍କ ସମେତ ଅନ୍ୟମାନେ।

## ଜିଲାରେ ଉଡ଼ିବ ୮୦ ହଜାର ଜାତୀୟ ପତାକା

**ଢେଙ୍କାନାଳ ଅଫିସ, ୧୨।୮**

'ଆଜାଦୀ କା ଅମୃତ ମହୋତ୍ସବ' ଉପଲକ୍ଷେ ଢେଙ୍କାନାଳ ଜିଲାରେ ୮୦ହଜାର ତ୍ରିରଙ୍ଗା ପତାକା ଉଡ଼ିବ। ସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ଅଙ୍ଗନୱାଡି କେନ୍ଦ୍ର, ମିଶନ ଶକ୍ତି ଗୃହ, ଜାତୀୟ ସଂହତି ବହନ କରୁଥିବା ଐତହ୍ୟସ୍ଥଳ ସମେତ ଘରେ ଘରେ ଜାତୀୟ ପତାକା ଉଡ଼ାଯିବାର ବ୍ୟବସ୍ଥା କରାଯାଉଛି। ୧୩ ତାରିଖରୁ ଜାତୀୟ ପତାକାକୁ ସମ୍ମାନର ସହ ଉତ୍ତୋଳନ କରିବା ଲାଗି ଯତ୍ନବାନ ହେବାକୁ ଜିଲାପାଳ ସରୋଜ କୁମାର ସେଠୀ ନିବେଦନ କରିଛନ୍ତି। ସ୍ୱାଧୀନତା ସଂଗ୍ରାମରେ ଝାସଦେଇଥିବା ସଂଗ୍ରାମୀଙ୍କ ସ୍ମୃତିଚାରଣ ପୂର୍ବକ ଏକ ପ୍ରଚାର ରଥ ୧୬ରୁ ୧୮ ତାରିଖ ଯାଏ ସାରା ଜିଲା ପରିକ୍ରମା କରିବ। ଜିଲାର ପ୍ରମୁଖ ସ୍ଥାନରେ ଦେଶାତ୍ମବୋଧକ ଚିତ୍ରାଙ୍କନ, ବକ୍ତୃତା, ସଙ୍ଗୀତ ପ୍ରତିଯୋଗିତା, ଲୋକନୃତ୍ୟ, ପଥପ୍ରାନ୍ତ ନାଟକ ଆଦି ଆୟୋଜନ କରାଯାଇ ବଳିଦାନର ଗାଥା ପ୍ରଚାର କରାଯିବ ବୋଲି ନିଷ୍ପତ୍ତି ହୋଇଛି।

## ସଂକ୍ଷେପରେ

### ମୟୂର ମୃତଦେହ ଜବତ କାରଣ ଜାଣିପାରୁନି ବନ ବିଭାଗ

**ଖମାର, ୧୨।୮(ଡି.ଏନ.ଏ.):** ଦେବଗଡ ବନଖଣ୍ଡ ଅନ୍ତର୍ଗତ ଖମାର ବନାଞ୍ଚଳ ଅଧୀନରେ ଥିବା ଶଙ୍ଖମୁର ଗ୍ରାମରୁ ଶୁକ୍ରବାର ଏକ ମୟୂର ମୃତଦେହ ବନ ବିଭାଗ ଜବତ କରିଛି। ଏହାକୁ ମିଶାଇ ଗତ ଦେଢ଼ମାସରେ ୨ଟି ମୟୂରଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ପ୍ରକାଶ ଯେ, କିଛିବର୍ଷ ହେବ ଦୁଇଟି ମୟୂର ଜଙ୍ଗଲରୁ ଆସି ଶଙ୍ଖମୁର ଗାଁରେ ରହୁଥିଲେ। ଲୋକଙ୍କ ହାତରୁ ଖାଦ୍ୟ ଖାଇବା ସହ ସ୍ନେହ ଶ୍ରଦ୍ଧା ପାଉଥିଲେ। କିନ୍ତୁ ଜୁନ ୨୯ରେ ଗୋଟିଏ ମୟୂରର ମୃତ୍ୟୁ ହୋଇଥିବାବେଳେ ଆଉ ଗୋଟିଏର ମୃତ୍ୟୁ ଶୁକ୍ରବାର ହୋଇଛି। ଏ ନେଇ ଗ୍ରାମବାସୀଙ୍କ ମଧ୍ୟରେ ନିରାଶା ଖେଳିଯାଇଛି। ଖବରପାଇ ବନ ବିଭାଗ ମୟୂର ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିବା ସୂଚନା ମିଳିଛି। ତେବେ କେଉଁ କାରଣରୁ ୨ଟି ମୟୂରର ମୃତ୍ୟୁ ହେଲା ତାହା ବନ ବିଭାଗ କହିପାରୁ ନ ଥିବା ବେଳେ ପୂର୍ବ ଘଟଣାରେ ବ୍ୟବଚ୍ଛେଦ ରିପୋର୍ଟ ମଧ୍ୟ ଏଯାଏ ଆସିନାହିଁ। ଏହାକୁ ନେଇ ଗ୍ରାମବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ଖମାର ବନାଞ୍ଚଳ ଅଧିକାରୀ ଚନ୍ଦ୍ରଶେଖର ଗଡ଼ନାୟକ କହିଛନ୍ତି, ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ।

### 'ହାତୀ ବଂଶର ସୁରକ୍ଷା ଜରୁରୀ'

**ଅନୁଗୋଳ ଅଫିସ, ୧୨।୮:** ବିଶ୍ୱ ହସ୍ତୀ ଦିବସ ଉପଲକ୍ଷେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତି ପକ୍ଷରୁ ଅନୁଗୋଳ ଶରଧାପୁରସ୍ଥିତ ହରିହର ଉଚ୍ଚ ବିଦ୍ୟାଳୟଠାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ପଣ୍ଡା ଅଧ୍ୟକ୍ଷତା କରିଥିବା ବେଳେ ଶରଧାପୁର ସରପଞ୍ଚ ଲକ୍ଷ୍ମୀପ୍ରିୟା ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବନ୍ୟଜୀବନ ସମିତି ସଦସ୍ୟ ସୁବ୍ରତ କୁମାର ପ୍ରଧାନ, ବିଦ୍ୟାଳୟର ସହଯୋଗୀ ଶିକ୍ଷକ ସ୍ୱୟଂଶମ୍ଭୁ ସର୍ବଶକ୍ତି ରାଉତ, ଦେବାଶିଷ ମିଶ୍ର, ବ୍ରହ୍ମାନନ୍ଦ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପରିବେଶ ପ୍ରତି ହାତୀର ଅବଦାନ, ହାତୀ ବଂଶ ପ୍ରତି ଥିବା ବିପଦ, ଫସଲ ନଷ୍ଟର ଅନୁକମ୍ପାମୂଳକ ସହାୟତା ରାଶି ଓ ହାତୀ ସୁରକ୍ଷାର ବିଭିନ୍ନ ଦିଗ ଉପରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇଥିଲା। ବିଶେଷକରି ହାତୀ ବଂଶର ସୁରକ୍ଷା ଜରୁରୀ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶେଷରେ ଓପନ କୁଇଜ୍ କାର୍ଯ୍ୟକ୍ରମ କରାଯାଇ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରିୟବ୍ରତ ବେହେରା ଓ ବିଦ୍ୟାଳୟ ସହକର୍ମୀ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ।

### ଯୁବନେତାଙ୍କ ଅକାଳ ବିୟୋଗ

**ବଣ୍ଡରପାଳ,୧୨।୮(ଡି.ଏନ.ଏ.):** ବଣ୍ଡରପାଳ ବ୍ଲକ କୁଲାଡ଼ ପଞ୍ଚାୟତର ଯୁବନେତା ଅନୁପ ଅମାନ୍ତ(୪୬)ଙ୍କ ଗୁରୁବାର ରାତିରେ ପରଲୋକ ହୋଇଯାଇଛି। ସେ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଏଥିପାଇଁ ଶୁକ୍ରବାର ନାଲ୍‌କୋ ସେଣ୍ଟ୍ରାଲ ବଜାର ବନ୍ଦ ରହିଥିଲା। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଶ୍ରମିକ ନେତା ନିର୍ମଳ ସାମଲ, କୁଲାଡ଼ ସରପଞ୍ଚ ଉଷାରାଣୀ ସ୍ୱାଇଁ, ଅନ୍ତର୍ଯ୍ୟାମୀ ସେନାପତି, ଯୁବରାଜ ସାମଲ, ନଳିନୀ ପଣ୍ଡା, ଶ୍ରବଣ ସ୍ୱାଇଁ, ଅଟଳ ବିହାରୀ ଷଡ଼ଙ୍ଗୀ, ବିଜନ ଦଳ ବେହେରା, ସୁକାନ୍ତ ସେଠୀ ପ୍ରମୁଖ ତାଙ୍କ ବାସଭବନକୁ ଆସି ଶେଷ ଦର୍ଶନ କରିଥିଲେ। ନେସ୍ ସଙ୍ଗଠନର ବରିଷ୍ଠ ସଦସ୍ୟ ଅରୂପ ଅମାନ୍ତଙ୍କ ସେ ଥିଲେ ସାନ ଭାଇ।



# ପ୍ରକଳ୍ପକୁ ଅଡୁଆ ପାଣି

**ବଇଣ୍ଡା, ୧୨।୮ (ଡି.ଏନ.ଏ.)**

ନିର୍ମାଣ ବେଳେ ଦୁର୍ବଳ ରହିଗଲା ଭିତ୍ତିଭୂମି। ଖାଲୁଆ ଅଞ୍ଚଳରେ ବସାଗଲା ପାନୀୟ ଜଳ ପ୍ରକଳ୍ପ। ଫଳରେ ସାମାନ୍ୟ ବର୍ଷା ହେଲେ ବୁଡ଼ିଯାଉଛି ବୋର୍‌ୱେଲ। ପ୍ରକଳ୍ପ ପାଣି ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରୁଛି ଜମୁଥିବା ବର୍ଷାପାଣି। ବ୍ଲକ ଜଳ ଯୋଗାଣ ବିଭାଗର ଦୂରଦୃଷ୍ଟି ଅଭାବରୁ ବାରମ୍ବାର ଏପରି ଅସୁବିଧା ଭୋଗିବାକୁ ପଡୁଛି ଲୋକଙ୍କୁ। ଏହାକୁ ନେଇ ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ କୁରୁମଟାପ ପଞ୍ଚାୟତର ମନ୍ଦରବାହାଳ ଗ୍ରାମବାସୀଙ୍କ ମଧ୍ୟରେ ଦେଖାଦେଇଛି ତୀବ୍ର ଅସନ୍ତୋଷ।

ଗ୍ରାମବାସୀଙ୍କ କହିବା ଅନୁଯାୟୀ, ମନ୍ଦରବାହାଳ ଗ୍ରାମର ୨ଶହ ପରିବାରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୧୦ ମସିହାରେ ଜଳ ଯୋଗାଣ ବିଭାଗ ଏହି ପ୍ରକଳ୍ପ ନିର୍ମାଣ କରିଥିଲା। ହେଲେ ଏକ ଚାଷ ଜମି ପାଖ ଖାଲୁଆ ଅଞ୍ଚଳରେ ପ୍ରକଳ୍ପ କରାଯାଇଥିବାରୁ ବର୍ଷା ପାଣି ନିଷ୍କାସନ ହୋଇପାରୁ ନାହିଁ। ଫଳରେ ପ୍ରତିବର୍ଷ ବର୍ଷା ଋତୁରେ ପ୍ରକଳ୍ପ ପରିସରରେ ୩ ଫୁଟ ଉଚ୍ଚର ପାଣି ଜମି ରହୁଛି। ଅନେକ ସମୟରେ ଏହି ଦୂଷିତ ପାଣି ବୋର୍‌ୱେଲ ମଧ୍ୟକୁ ପ୍ରବେଶ କରୁଥିବାରୁ ବର୍ଷା ଓ ଆବର୍ଜନା ପାଣି ଗ୍ରାମବାସୀଙ୍କୁ ଯୋଗାଣ ହେଉଛି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଉଛି। ସେମାନେ ଏହାର ସ୍ଥାୟୀ ପ୍ରତିକାର ପାଇଁ ବାରମ୍ବାର ଦାବି କରୁଥିଲେ ମଧ୍ୟ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉ ନାହିଁ। ଏହାଛଡ଼ା ଏହି ପ୍ରକଳ୍ପରୁ ଆବଶ୍ୟକ ପରିମାଣର ପାଣି ଗ୍ରାମକୁ ଯୋଗାଣ ହେଉ ନ ଥିବାରୁ ଏକ ନୂତନ ପ୍ରକଳ୍ପ ନିର୍ମାଣ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ୧୨ ମାର୍ଚ୍ଚ ୨୦୧୭, ୩ ସେପ୍ଟେମ୍ବର ୨୦୨୦ ଓ ୯ ଏପ୍ରିଲ ୨୦୨୧ରେ ବ୍ଲକ ଜଳ ଯୋଗାଣ ବିଭାଗ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ଜିଲାପାଳଙ୍କ ଯାଏ ଅଭିଯୋଗ କରାଯାଇଥିଲା। ହେଲେ କୌଣସି ସୁଫଳ ମିଳିପାରିନାହିଁ।



ପାନୀୟ ଜଳ ପ୍ରକଳ୍ପ ପରିସରରେ ଥିବା ବୋର୍‌ୱେଲ ଉପରେ ବର୍ଷା ପାଣି ଜମି ରହିଛି।

- ପାନୀୟ ପ୍ରକଳ୍ପ ପରିସରରେ ଜମିରହୁଛି ବର୍ଷାଜଳ
- ଭିତରକୁ ଦୂଷିତ ପାଣି ପଶିଯାଉଥିବା ଅଭିଯୋଗ
- ସମସ୍ୟାରେ ଆଠମଲ୍ଲିକ ବ୍ଲକ ମନ୍ଦରବାହାଳବାସୀ



ତୁରନ୍ତ ଏହି ପୁରୁଣା ପ୍ରକଳ୍ପରେ ଥିବା ସମସ୍ୟାର ସ୍ଥାୟୀ ସମାଧାନ ସହ ଗ୍ରାମରେ ଏକ ନୂତନ ପ୍ରକଳ୍ପ ନିର୍ମାଣ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ଆଠମଲ୍ଲିକ ଜଳଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ଉମାକାନ୍ତ ବେହେରା କହିଛନ୍ତି, ଦୂଷିତ ପାଣି ଯେପରି ଗାଁକୁ ଯୋଗାଣ ନ ହେବ ସେ ଦିଗରେ ଦୃଷ୍ଟି ଦିଆଯାଉଛି। ୩ ଦିନ ହେଲା ଜଳ ଯୋଗାଣ କରାଯାଇ ନାହିଁ। ଆବଶ୍ୟକ ପରୀକ୍ଷା କରାଯିବା ପରେ ପାନୀୟ ଜଳ ଛଡ଼ାଯିବ। ସ୍ଥାୟୀ ସମାଧାନ ଦିଗରେ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯିବ।

**ଅଭିଯୋଗକୁ ଗୁରୁତ୍ୱ ଦିଆଯାଉ ନାହିଁ**



ପାନୀୟ ପ୍ରକଳ୍ପଟି ଖାଲୁଆ ଚାଷ ଜମି ନିକଟରେ ହୋଇଥିବା ଯୋଗୁ ସାମାନ୍ୟ ବର୍ଷା ହେଲେ ଏହାର ପରିସର ପାଣିରେ ବୁଡ଼ିଯାଉଛି। ଅନେକ ସମୟରେ ଦୂଷିତ ଜଳ ବୋର୍‌ୱେଲ ମଧ୍ୟକୁ ପ୍ରବେଶ କରିଯାଉଛି। ଦୂଷିତ ଜଳ ନିଷ୍କାସନ ବ୍ୟବସ୍ଥା ସହ ପ୍ରକଳ୍ପ ମରାମତି ପାଇଁ ବହୁବାର ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ଅଭିଯୋଗ କରାଯାଇଛି। ହେଲେ ସୁଫଳ ମିଳୁନାହିଁ।

-ଶାନ୍ତିଲତା ପ୍ରଧାନ, କୁରୁମଟାପ ସରପଞ୍ଚ

**ଉପଯୁକ୍ତ ରକ୍ଷଣାବେକ୍ଷଣ ହେଉନାହିଁ**



ପ୍ରକଳ୍ପର ଉପଯୁକ୍ତ ରକ୍ଷଣାବେକ୍ଷଣ କରାଯାଉ ନାହିଁ। ଫଳରେ ଯେଉଁ ଉଦ୍ଦେଶ୍ୟରେ ଏହା ସରକାରଙ୍କ ପକ୍ଷରୁ ନିର୍ମାଣ କରାଯାଇଥିଲା ତାହା ପୂରଣ ହେଉନାହିଁ। ଗ୍ରାମବାସୀ ଠିକ୍ ଭାବେ ପାଣି ପାଇପାରୁ ନ ଥିବାରୁ ଏ ଦିଗରେ ପଦକ୍ଷେପ ନିଆଯାଉ।

-ଛାୟା ନାୟକ, ଗ୍ରାମବାସୀ

**ପ୍ରତିବର୍ଷ ସୃଷ୍ଟି ହେଉଛି ସମସ୍ୟା**



ବର୍ଷା ହେଲେ ପ୍ରକଳ୍ପ ପରିସରରେ ପାଣି ଜମି ରହୁଛି। ପ୍ରତିବର୍ଷ ବର୍ଷା ଋତୁରେ ଏହି ସମସ୍ୟା ସୃଷ୍ଟି ହେଉଛି। ବୋର୍‌ୱେଲ ମଧ୍ୟକୁ ଏହି ବାହାର ପାଣି ପଶିଯାଉଥିବାରୁ ଏହାକୁ ବ୍ୟବହାର କରି ଲୋକେ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏ ନେଇ ଅଭିଯୋଗ କଲେ ମଧ୍ୟ କେହି ଶୁଣୁନାହାନ୍ତି।

-ବାଳକୃଷ୍ଣ ନାୟକ, ଗ୍ରାମବାସୀ

**ନୂଆ ପ୍ରକଳ୍ପ ନିର୍ମାଣ କରାଯାଉ**



ପୁରୁଣା ପ୍ରକଳ୍ପ ଗ୍ରାମବାସୀଙ୍କ ପାନୀୟ ଆବଶ୍ୟକତା ପୂରଣ କରିପାରୁ ନ ଥିବାରୁ ଏକ ନୂତନ ପ୍ରକଳ୍ପ ନିର୍ମାଣ ଜରୁରୀ ହୋଇପଡ଼ିଛି। ଖରାଦିନେ ଲୋକେ ପାଣି ପାଇବାରେ ଅସୁବିଧାର ସମ୍ମୁଖୀନ ହେଉଥିଲେ ମଧ୍ୟ ସରକାର ଏଥିପ୍ରତି ଧ୍ୟାନ ଦେଉନାହାନ୍ତି। ତୁରନ୍ତ ବସୁଧା ଯୋଜନାରେ ନୂଆ ପ୍ରକଳ୍ପ ନିର୍ମାଣ କରାଯାଉ। ଲୋକ ପ୍ରତିନିଧିମାନେ ଏ ଦିଗରେ ଦୃଷ୍ଟି ଦିଅନ୍ତୁ।

-ଲୋକନାଥ ମାଝି, ଗ୍ରାମବାସୀ

**ସ୍ଥାୟୀ ସମାଧାନ ପାଇଁ ଅବଗତ କରାଯିବ**



ଗ୍ରାମବାସୀଙ୍କୁ କିପରି ପ୍ରକଳ୍ପରୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ ସେ ନେଇ ଜଳ ଯୋଗାଣ ବିଭାଗ ଓ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯିବ। ଏଥିସହିତ ପ୍ରକଳ୍ପ ପରିସରରେ ଜମୁଥିବା ବର୍ଷା ପାଣିର ସ୍ଥାୟୀ ସମାଧାନ ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯିବ।

-ତରଣୀ ସୁନା, ଉପଜିଲାପାଳ, ଆଠମଲ୍ଲିକ

## ଯୁବକ ସଂଘ ପକ୍ଷରୁ ଚାରାରୋପଣ



**ଅନୁଗୋଳ ଅଫିସ, ୧୨।୮**

ଅନୁଗୋଳ ହେମସୁରପଡ଼ା ୟୁନାଇଟେଡ ୟୁଥ୍ କ୍ଲବ ପ୍ରାଙ୍ଗଣରେ ହେମସୁରପଡ଼ା ଯୁବକ ସଂଘ ଆନୁକୂଲ୍ୟରେ ଏକ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଘର ସମସ୍ତ ସଦସ୍ୟ ଓ ହେମସୁରପଡ଼ାର ବୁଦ୍ଧିଜୀବୀମାନେ ଉପସ୍ଥିତ ରହି ଚାରାରୋପଣରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ଅନୁଗୋଳ ପୌରାଧ୍ୟକ୍ଷ ଅକ୍ଷୟ କୁମାର ସାମନ୍ତ, ପୂର୍ବତନ ଅଧ୍ୟକ୍ଷ ଭକ୍ତି ପ୍ରସାଦ ଦାସ, ପୂର୍ଣ୍ଣଚନ୍ଦ୍ର ରାଉତ, ଦିନେଶ ପ୍ରଧାନ, ବିଜେଡି ନଗର ସଭାପତି ବୃନ୍ଦାବନ ସ୍ୱାଇଁ ଉପସ୍ଥିତ ରହି ଚାରାରୋପଣ କରିଥିଲେ। ସଂଘ ସଭାପତି ତଥା ୧୯ନଂ. ୱାର୍ଡର କାଉନସିଲର ବଳରାମ ଜେନା ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦେବବ୍ରତ ପଲେଇ, ରାକେଶ କୁମାର ଭୂତିଆ, ରମେଶ କୁମାର ବେହେରା, ମାନସ ରଞ୍ଜନ ସାହୁ, ଜୀବନଜ୍ୟୋତି ସ୍ୱାଇଁ ସହଯୋଗ କରିଥିଲେ।

## ପ୍ରତିଶ୍ରୁତି ପରେ ଖଣି କ୍ଷତିଗ୍ରସ୍ତଙ୍କ ଧାରଣା ସ୍ଥଗିତ

**କଣିହାଁ,୧୨।୮(ଡି.ଏନଏ.)**

ଏମ୍‌ସିଏଲ୍‌ର କଣିହାଁ କୋଇଲା ଖଣି ଦ୍ୱାରା କ୍ଷତିଗ୍ରସ୍ତ ଜମିହରା ଜରଡ଼ା ଗ୍ରାମବାସୀ ଶୁକ୍ରବାର ବିଭିନ୍ନ ଦାବିରେ ପ୍ରକଳ୍ପ କାର୍ଯ୍ୟାଳୟଠାରେ ଧାରଣା ଦେଇଥିଲେ। ଏହି ଧାରଣାକୁ ସମର୍ଥନ ଜଣାଇ କଣିହାଁ ୯ନଂ. ଜୋନ ଜିଲାପରିଷଦ ସଦସ୍ୟ ରଞ୍ଜନ କୁମାର ସାହୁ, ଏମ୍‌ପିଙ୍କ ପ୍ରତିନିଧି ନିର୍ମଳ ସାହୁ, ପୂର୍ବତନ ଜିଲା ପରିଷଦ ସଦସ୍ୟ ଦେବଦତ୍ତ ପ୍ରସାଦ ପ୍ରଧାନ ଧାରଣାରେ ସାମିଲ ହୋଇଥିଲେ।

କ୍ଷତିଗ୍ରସ୍ତ ଗ୍ରାମ ସଭାପତି ସାଧୁରାମ ସାହୁ, ସମ୍ପାଦକ ଶରତ ବେହେରା କହିଛନ୍ତି, ୧୯୯୫ରୁ ଖଣି ପାଇଁ ଗ୍ରାମ ଅଧିଗ୍ରହୀତ ହୋଇଥିଲା। ୨୦୧୦ଠାରୁ ଏଠାରେ ଖଣି କାର୍ଯ୍ୟ ଚାଲିଛି। ଯେଉଁ ପ୍ରତିଶ୍ରୁତି ଖଣି କର୍ତ୍ତୃପକ୍ଷ ଦେଇଥିଲେ ତାହା ଅଦ୍ୟାବଧି କାର୍ଯ୍ୟକାରୀ ହୋଇନାହିଁ। ତୁରନ୍ତ ପ୍ରସ୍ତାବିତ ପଥରମୁଣ୍ଡା ବିସ୍ଥାପନ ଜାଗାରେ ପ୍ଲଟ ବଣ୍ଟନପତ୍ର ପ୍ରଦାନ, ଦୀର୍ଘବର୍ଷର ଦାବି ପୂରଣ, ପ୍ରଥମ ଓ ୨ୟ ପର୍ଯ୍ୟାୟ କ୍ଷତିପୂରଣ ଅର୍ଥ, ପୂର୍ବ ନିୟମ ମୁତାବକ ଜାଗା ଏବଂ ସେଥିରେ ଥିବା ସମସ୍ତ ଷ୍ଟ୍ରକଚରର କ୍ଷତିପୂରଣ ଏକ ସମୟରେ ଦେବା ଆଦି ଦାବି କରାଯାଇଥିଲା। ଅପରାହ୍ନ ୩ଟାରେ ଧାରଣାସ୍ଥଳରେ ଖଣି ଜିଏମ୍ କିଶୋର



ଧାରଣାରେ ବସିଥିବା ଜରାଡ଼ା ଖଣି କ୍ଷତିଗ୍ରସ୍ତମାନେ।

**ଅପରାହ୍ନରେ କର୍ତ୍ତୃପକ୍ଷ କଲେ ଆଲୋଚନା**

କୁମାର ରାଉଳ, ପ୍ରକଳ୍ପ ଅଧିକାରୀ ନାରାୟଣ ପ୍ରସାଦ ପାତ୍ର ପହଞ୍ଚି ଆଲୋଚନା କରିଥିଲେ। ଜାନୁୟାରୀ ୨୦୨୩ ସୁଦ୍ଧା ଧାର୍ଯ୍ୟ ପୁନର୍ବସତି ସ୍ଥଳରେ ଅଧିକାଂଶ ନିର୍ମାଣ କାର୍ଯ୍ୟ ଶେଷ ସହିତ ଯୋଗ୍ୟ ହିତାଧିକାରୀଙ୍କ ପ୍ଲଟ ହସ୍ତାନ୍ତର, ପ୍ଲଟ ବଦଳରେ ଆର୍ଥିକ ସହାୟତା ଚାହୁଁଥିବା ହିତାଧିକାରୀମାନଙ୍କୁ ଏକକାଳୀନ ଅର୍ଥ ଦିଆଯିବା, ପୂର୍ବରୁ ନିର୍ଦ୍ଧାରିତ ପ୍ଲଟ ଆବଣ୍ଟନ ତାଲିକା ଅନୁଯାୟୀ ବ୍ୟକ୍ତିଗତ ଭାବେ ଅଗଷ୍ଟ ୨୨ରୁ ପ୍ରଦାନ କରାଯିବା ଆଦି ଲିଖିତ ପ୍ରତିଶ୍ରୁତି ଦେବା ପରେ ଗଣଧାରଣା ସ୍ଥଗିତ ରହିଥିବା ଜଣାପଡ଼ିଛି।

## ମହାରାଜା ସୋମନାଥ ସିଂହଙ୍କ ସ୍ମୃତିଚାରଣ

**ଅନୁଗୋଳ ଅଫିସ, ୧୨।୮**

ଅନୁଗୋଳ ମାଟିର ମହାନ୍ ବରପୁତ୍ର ତଥା ସଂଗ୍ରାମୀ ମହାରାଜ ସୋମନାଥ ସିଂହ ଜଗଦ୍ଦେବଙ୍କ ଜୟନ୍ତୀ ଉତ୍ସବ ସ୍ମୃତି କମିଟି ଓ ଅନୁଗୋଳ ପୌରପାଳିକାର ମିଳିତ ଆନୁକୂଲ୍ୟରେ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ପୂର୍ବାହ୍ନରେ ଅନୁଗୋଳ ରାଜାଛକସ୍ଥିତ ମହାରାଜାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହାପରେ ପୌରପାଳିକା ସଭାଗୃହଠାରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ଗୋବିନ୍ଦ ରାଜଗୁରୁ, ସମ୍ମାନିତ ଅତିଥି ଭାବେ ଅନୁଗୋଳ ନଗରପାଳ ଅକ୍ଷୟ କୁମାର ସାମନ୍ତ ଓ ମୁଖ୍ୟବକ୍ତା ଭାବେ ହେମନ୍ତ କୁମାର ଧର, ପୂର୍ବତନ ନଗରପାଳ ଭକ୍ତ ପ୍ରସାଦ ଦାସ, ପୂର୍ଣ୍ଣଚନ୍ଦ୍ର ରାଉତ, ସ୍ମୃତି କମିଟି ସମ୍ପାଦକ ବନ ବିହାରୀ ପଟ୍ଟନାୟକ ଯୋଗଦେଇ ମହାରାଜାଙ୍କ ସ୍ମୃତିଚାରଣ କରିଥିଲେ। ପ୍ରଫେସର ବିଶ୍ୱରଞ୍ଜନ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ହେମନ୍ତ କୁମାର ଦାଶ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଡ. ଧରଣୀଧର ନାଥ ସଭା ସଂଯୋଜନା କରିଥିଲେ। ଏହି ଅବସରରେ ଡ. ମହେଶ ଚନ୍ଦ୍ର ଧଳଙ୍କୁ ମହାରାଜା ସୋମନାଥ ସିଂହ ଜଗଦ୍ଦେବ ସମ୍ମାନ, ପ୍ରଫେସର ନାରାୟଣ ଚୌଧୁରୀ ଓ ଶରତ କୁମାର ମାଝିଙ୍କୁ ଅନୁଗୋଳ ସ୍ୱାଭିମାନ ସମ୍ମାନ, ସ୍ୱର୍ଗତ ପ୍ରାଣବନ୍ଧୁ ମାଝିଙ୍କୁ ମରଣୋତ୍ତର ଭାବେ ଅନୁଗୋଳ ସ୍ୱାଭିମାନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ପ୍ରଶ୍ନୋତ୍ତର ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଜୟ କୁମାର ସାହୁ, ସନ୍ତୋଷ କୁମାର ମୋଦି, ଲମ୍ବୋଦର ବେହେରା, ମହେଶଚନ୍ଦ୍ର ଧଳ, ହାଡ଼ିବନ୍ଧୁ ମିଶ୍ର, ପ୍ରକାଶ ସିଂହ, ସିତାରାମ ମିଶ୍ର, ନିରଞ୍ଜନ ପତି, ଡ. ସତ୍ୟନାରାୟଣ ସିଂହ ସାମନ୍ତ, ଡ. କୁଳମଣି ନାୟକ, ପାବକ ଗଡ଼ନାୟକ, ପ୍ରଫେସର ନାରାୟଣ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ତାଳଚେରସ୍ଥିତ ରାଣୀ ସୁକଦେଈ ବାହିନୀ ସମରକଳା ପ୍ରଦର୍ଶନ କରିଥିଲେ। ସ୍ମୃତି କମିଟି କୋଷାଧ୍ୟକ୍ଷ ହେମନ୍ତ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

## ବନ୍ତଳାରେ ବିଶାଳ ପଦଯାତ୍ରା



ଶଙ୍ଖପୁରଠାରୁ ବାହାରିଥିବା ପଦଯାତ୍ରା ଗ୍ରାମ ପରିକ୍ରମା କରୁଛି।

**ଅନୁଗୋଳ ଅଫିସ, ୧୨।୮**

'ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଆଜାଦୀ କୀ ଅମୃତ ମହୋତ୍ସବ ପାଳନ ଅବସରରେ ଶୁକ୍ରବାର ବନ୍ତଳା ମଣ୍ଡଳ ୪ନଂ. ଜୋନ୍‌ରେ ଏକ ବିଶାଳ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଶଙ୍ଖପୁରଠାରୁ ଏହି ପଦଯାତ୍ରା ବାହାରି ବନ୍ତଳା ଗ୍ରାମ ପରିକ୍ରମା କରିଥିଲା। ଏହି ପଦଯାତ୍ରାରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗଦେଇ ଆଜାଦୀ କୀ ଅମୃତ ମହୋତ୍ସବ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ। ପ୍ରତ୍ୟେକ ଘରେ ଜାତୀୟ ପତାକା ଲଗାଇ ଏହି ଉତ୍ସବକୁ ପାଳନ ନିମନ୍ତେ ଅନୁରୋଧ କରିଥିଲେ। ଏହି ପଦଯାତ୍ରାରେ ବନ୍ତଳା ମଣ୍ଡଳର ବହୁ ଜନସାଧାରଣଙ୍କ ସମେତ ଅନୁଗୋଳ ବିଧାନସଭା ନିର୍ବାଚନମଣ୍ଡଳୀ ପ୍ରଭାରୀ ଯଯାତୀ ପଟ୍ଟନାୟକ, ସଂଯୋଜକ ଦିଲୀପ ଦାସ, ବନ୍ତଳା ମଣ୍ଡଳ ସଭାପତି ଅମୂଲ୍ୟ ପ୍ରଧାନ, ଗଡତରାସ ସରପଞ୍ଚ ସତ୍ୟଜିତ ସାମଲ, ଦୁଃଖବନ୍ଧୁ ସାହୁ, ବାବୁଲା ସାହୁ, ବାବୁଲି ସାହୁ, ଅନନ୍ତ ସାହୁ, ଦୁଷ୍ମନ୍ତ ସାହୁ ଓ ଭାଜପାର କର୍ମକର୍ତ୍ତାମାନେ ଯୋଗଦେଇଥିଲେ।

## ଗଙ୍ଗାଧରଙ୍କ ଅବଦାନ ଉପରେ ଆଲୋକପାତ




ଜୟନ୍ତୀ ପାଳନ ଅବସରରେ ମଞ୍ଚାସୀନ ଅତିଥିମାନେ।

**ଅନୁଗୋଳ ଅଫିସ,୧୨।୮**

ଅନୁଗୋଳ ଜିଲା ସାହିତ୍ୟ ସଂସଦ ଓ ଜିଲା ସଂସ୍କୃତି ପରିଷଦ ପକ୍ଷରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ପ୍ରଧାନ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରାଧ୍ୟାପକ କୁମୁଦଚନ୍ଦ୍ର ଦାସ ଏଥିରେ ସଭାପତିତ୍ୱ କରିଥିଲେ। ଡ. ଦଧିବାମନ ପ୍ରଧାନ, ଡ. ଶ୍ରୀକାନ୍ତ ବାରିକ ଯଥାକ୍ରମେ କବିଙ୍କ ଗଦ୍ୟ ରଚନା ଏବଂ କବିତାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସର୍ବେଶ୍ୱର ବେହେରାଙ୍କ କବିତା ପୁସ୍ତକ 'ତୁମେ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଉଚ୍ଚବିଦ୍ୟାଳୟସ୍ତରରେ ହୋଇଥିବା କବିଙ୍କ ଗୀତ କବିତା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଡ. ସଦାନନ୍ଦ ପରିଡ଼ା ଏବଂ ଅସିତ ପଟ୍ଟନାୟକ ବିଚାରକ ଭାବେ ଉପସ୍ଥିତ ଥିଲେ। ସମ୍ପାଦକ ରାଧାକାନ୍ତ ମହାନ୍ତି ଅତିଥି ପରିଚୟ ଦେବା ସହିତ ସ୍ୱାଗତ ଭାଷଣ ଦେଇଥିଲେ। ସହସମ୍ପାଦକ ଅରୁଣ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

## ସ୍ୱଭାବ କବିଙ୍କୁ ଅମର ରଖିବ ସାହିତ୍ୟ

**ଅନୁଗୋଳ ଅଫିସ, ୧୨।୮**

ଅନୁଗୋଳ ବାଜି ରାଉତ ଛାତ୍ରାବାସ ଶାନ୍ତି ମନ୍ଦିରରେ ଓଡ଼ିଶାର ମହାନ୍ ସାହିତ୍ୟ ସ୍ରଷ୍ଟା ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି। ଛାତ୍ରାବାସ ମୁଖ୍ୟ ଉପଦେଷ୍ଟା କୃଷ୍ଣା ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଉତ୍କଳ ସମ୍ମିଳନୀ ଅନୁଗୋଳ ଜିଲା ସମ୍ପାଦକ ଧନେଶ୍ୱର ସାହୁ ସମ୍ମାନିତ ବକ୍ତା ଓ କବି ଶଶାଙ୍କ ଶେଖର ବାରିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଭାରତୀୟ ସଂସ୍କୃତି ଓ ପରମ୍ପରାକୁ ରକ୍ଷାକରି କବି ଗଙ୍ଗାଧର ଯେଉଁ ସାହିତ୍ୟ ସୃଷ୍ଟି କରି ଯାଇଛନ୍ତି ତାହା ଚିରକାଳ ତାଙ୍କୁ ଅମର କରି ରଖିବ ବୋଲି ଅତିଥିମାନେ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଛାତ୍ରାବାସ ପରିଚାଳକ କୈଳାସ ଚନ୍ଦ୍ର ସାହୁ, ଶଙ୍କର ବେହେରା, ଲକ୍ଷ୍ମୀକାନ୍ତ ବିଶ୍ୱାଳ, କ୍ଷୀରୋଦ ବିଶ୍ୱାଳ, ସୁଜାତା ପ୍ରୀତିନନ୍ଦା, ପ୍ରତିମା ନାୟକ, ସୁବ୍ରତ ଦେହୁରୀ, ମାମାଲି ଗଡ଼ନାୟକ, ସୁଚିତ୍ରା ପ୍ରଧାନ, ପ୍ରିୟଙ୍କା ସାଣ୍ଡିଲ ପ୍ରମୁଖ ସହଯୋଗ କରିଥିଲେ।

